# ଅପରାଧୀ, ଅସାମାଜିକଙ୍କ ଉପରେ ତୀକ୍ଷ୍ଣ ନଜର

■ ସାଧାରଣ ନିର୍ବାଚନ ପାଇଁ ଅନୁଗୋଳ ଜିଲା ପୋଲିସ ପ୍ରସ୍ତୁତ
■ ୧୦୭ ଓ ୧୧୦ରେ ଗଲାଣି ୪,୫୭୧ ଜଣଙ୍କୁ ନୋଟିସ୍
■ ଥାନାକୁ ଫେରୁଛି ଲାଇସେନ୍ସ ପ୍ରଦାନ କରାଯାଇଥିବା ବନ୍ଧୁକ

ଅନୁଗୋଳ, ୧୯।୩ (ଅମିତ କୁମାର ସାମଲ)



ଅନୁଗୋଳ ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ।

ସାଧାରଣ ନିର୍ବାଚନ ପାଇଁ ଗତ ଶନିବାର ଠାରୁ ତାରିଖ ଘୋଷଣା ସାରିଲାଣି। ଅନୁଗୋଳ ଜିଲାରେ ମେ ୨୫ରେ ଭୋଟ ଗ୍ରହଣ କରାଯିବ। ଏହାକୁ ନେଇ ପୋଲିସ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିବା ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି। ଜିଲାରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବାକୁ ସେ ଖସଡ଼ା ପ୍ରସ୍ତୁତ କରିଥିବା କହିଛନ୍ତି। ଏଥିସହ ଅପରାଧ ଓ ଆପରାଧିକ କାର୍ଯ୍ୟକଳାପ ଉପରେ ମଧ୍ୟ ନଜର ରଖାଯାଇଥିବା ସୂଚନା ଦେଇଛନ୍ତି। ପ୍ରାକ୍ ନିର୍ବାଚନୀ ହିଂସା ଓ ନିର୍ବାଚନ ପରର ହିଂସାଂକୁ କିଭଳି ଦମନ କରାଯିବ ସେ ନେଇ ମଧ୍ୟ ଜିଲା ପୋଲିସ ପ୍ରସ୍ତୁତ ରହିଛି। ନିର୍ବାଚନ ସମୟରେ କୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ବରଖାସ୍ତ କରାଯିବ ନାହିଁ ବୋଲି ଏସ୍‌ପି କହିଛନ୍ତି। ତେବେ ଜିଲାରେ ଥିବା ପେସାଗତ ଅପରାଧୀ ଓ ଅସାମାଜିକଙ୍କ ଉପରେ ଅନୁଗୋଳ ପୋଲିସ ତୀକ୍ଷ୍ଣ ନଜର ରଖିଥିବାଏସ୍‌ପି ପ୍ରକାଶ କରିଛନ୍ତି।

ଏସ୍‌ପି କହିନ୍ତି, ଛୋଟମୋଟ ଅପରାଧରେ ସାମିଲ ରହିଥିବା ୪,୩୮୦ ଜଣଙ୍କୁ ଜିଲାର ବିଭିନ୍ନ ଥାନାରୁ ୧୦୭ରେ ନୋଟିସ୍ ପ୍ରଦାନ କରାଯାଇଛି। ଏଥିସହ ୧୧୦ରେ ୧୯୧ ଜଣଙ୍କୁ ନୋଟିସ୍ ଦିଆଯାଇଛି। ୧୧୦ରେ ନୋଟିସ୍ ପ୍ରଦାନ କରାଯାଇଥିବା ୧୯୧ ଜଣ ବାରମ୍ବାର ଆପରାଧିକ କାର୍ଯ୍ୟକଳାପରେ ସାମିଲ ରହୁଛନ୍ତି। ତେଣୁ ନିର୍ବାଚନ ସମୟରେ ସେମାନଙ୍କ ଉପରେ ପୋଲିସ ସ୍ୱତନ୍ତ୍ର ନଜର ରଖିବ। ଜିଲାରେ ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କୁ ସେମାନଙ୍କ ବନ୍ଧୁକ ନିଜ ଅଞ୍ଚଳର ଥାନାରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ୧,୨୭୯ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ରହିଛି। ସେଥିମଧ୍ୟରୁ ଅଦ୍ୟାବଧି ୩୫୩ଟି ବନ୍ଧୁକ ବିଭିନ୍ନ ଥାନାରେ ଜମା ହୋଇଛି। ଅନୁଗୋଳ ଉପଖଣ୍ଡ ଅଞ୍ଚଳରେ ସର୍ବାଧିକ ୨୦୫ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ ଜମା ହୋଇସାରିଥିବାବେଳେ ତାଳଚେର ଉପଖଣ୍ଡରେ ୬୯, ଆଠମଲ୍ଲିକ ଉପଖଣ୍ଡରେ ୩୫ ଓ ପାଲଲହଡ଼ା ଉପଖଣ୍ଡରେ ୪୪ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ ଜମା ହୋଇଛି। ଅବଶିଷ୍ଟ ବନ୍ଧୁକ ଧୀରେ ଧୀରେ ଜମା କରାଯିବ। ଏଥିସହ ବେଆଇନ୍ ଭାବେ ୩ଟି ବନ୍ଧୁକ ଅନୁଗୋଳ ପୋଲିସ ଜବତ କରିଛି। ଅନୁଗୋଳ ଟାଉନ୍ ଥାନା ଅଞ୍ଚଳରୁ ଗୋଟିଏ ବନ୍ଧୁକ ଧରାପଡ଼ିଥିବାବେଳେ ହଣ୍ଡପା ଅଞ୍ଚଳରୁ ୨ଟି ବନ୍ଧୁକ ଧରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ସେହିଭଳି ଜିଲାରେ ଅବକାରୀ କାରବାର ଉପରେ ମଧ୍ୟ ବର୍ଷ ଆରମ୍ଭରୁ ଜୋରଦାର ଚଢ଼ାଉ କରାଯାଉଛି। ଅନୁଗୋଳ ପୋଲିସ ଚଳିତବର୍ଷ ଆରମ୍ଭରୁ ୮, ୬୨୭ ଲିଟର ଚୋରା ମଦ ଜବତ କରିଛି। ସେଥିମଧ୍ୟରୁ ୧,୯୨୬ ଲିଟର ବିଦେଶୀ ମଦ ରହିଛି। ଏହି ଘଟଣାରେ ଜିଲାର ବିଭିନ୍ନ ଥାନାରେ ୮୬ ଜଣଙ୍କୁ ଗିରଫ କରାଯାଇଛି। ତେବେ କିଶୋରନଗର ଓ ତାଳଚେର ଅଞ୍ଚଳରେ ଅଧିକ ଦେଶୀ ମଦ କାରବାର ହୋଇଥିବା ଚଳିତବର୍ଷର ରେକର୍ଡରୁ ଜଣାପଡ଼ିଛି। ସେହିଭଳି ବ୍ରାଉନସୁଗାର ୪୯ ଗ୍ରାମ ଧରାପଡ଼ିଥିବାବେଳେ ୨୯ କିଲୋଗ୍ରାମ ଗଞ୍ଜେଇ ଅନୁଗୋଳ ପୋଲିସ ଜବତ କରିଛି। ଏହି ଘଟଣାରେ ୧୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଛି। ଅନ୍ୟପକ୍ଷରେ ବିଭିନ୍ନ ଆପରାଧିକ ମାମଲାରେ ୱାଣ୍ଟେଡ ଥିବା ୪୨୫ ଜଣଙ୍କୁ ଅନୁଗୋଳ ପୋଲିସ ଗିରଫ କରିସାରିଥିବା ଏସ୍‌ପି ମିଶ୍ର ପ୍ରକାଶ କରିଛନ୍ତି।

# ଅକ୍ଷମଙ୍କୁ ସକ୍ଷମ କଲା ଜେଏସ୍‌ପି

## କ୍ୟାନସରରେ ଗୋଡ଼, ହାତ ହରାଇଥିବା ଦୀପକଙ୍କ ଦେହରେ ଲଗାଇଲା କୃତ୍ରିମ ଅଙ୍ଗ

ତାଳଚେର, ୧୯।୩ (ମନୋଜ ନନ୍ଦ)


ଦୀପକଙ୍କ ସହ ଜେଏସ୍‌ପି ଫାଉଣ୍ଡେଶନର ଅଧିକାରୀମାନେ।

କ୍ୟାନଶରରୁ ମୁକ୍ତି ପାଇଁ ବାମ ଗୋଡ଼ ଓ ଡାହାଣ ହାତ ହରାଇ ଅକ୍ଷମ ହୋଇଯାଇଥିବା ତାଳଚେର ସହର ୫ ନମ୍ବର ୱାର୍ଡ ଶୁକୁଆସାହିର ୩୦ ବର୍ଷୀୟ ଦୀପକ ବେହେରାଙ୍କୁ ସକ୍ଷମ କରିବାରେ ସହଯୋଗ କରିଛି ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)। ଜେଏସ୍‌ପିର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଦୀପକଙ୍କ ଦେହରେ କୃତ୍ରିମ ଗୋଡ଼ ଓ ହାତ ଲଗାଇବାରେ ଆବଶ୍ୟକ ସହଯୋଗ କରାଯାଇଛି। ଏଥିରେ ଅନୁଗୋଳ ଡିଏସ୍‌ଡବ୍ଲ୍ୟୁଓ ପକ୍ଷରୁ ମଧ୍ୟ ସହାୟତା କରାଯାଇଥିବା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଏହି ସହାୟତା ପାଇଁ ଜେଏସ୍‌ପି ଓ ଅନୁଗୋଳ ଜିଲା ପ୍ରଶାସନକୁ ଦୀପକ ଧନ୍ୟବାଦ ଜଣାଇବା ସହ ଖୁସି ପ୍ରକଟ କରିଛନ୍ତି।

ପ୍ରକାଶ ଯେ, ଦୀପକ କୁଲି କାମ କରି ପରିବାର ଚଳାଉଥିଲେ। ହେଲେ ଫିଡ୍‌ସ ଯୋଗୁ ସେ ହଠାତ୍ ଖସିପଡ଼ିବାରୁ ତାଙ୍କ ବାମ ଗୋଡ଼ ଓ ହାତରେ ଆଘାତ ଲାଗିଥିଲା। କିଛିଦିନର ଚିକିତ୍ସା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ନ ହେବାରୁ ପରୀକ୍ଷା ନିରୀକ୍ଷା କରି କ୍ଷତ କ୍ୟାନସର ଆଡ଼କୁ ଗତି କରିଥିବା ଜାଣିବାକୁ ପାଇଥିଲେ। ଏହାପରେ ଡାକ୍ତର ତାଙ୍କ ଜୀବନ ରକ୍ଷା ପାଇଁ ଗୋଟିଏ ଗୋଡ଼ ଓ ହାତକୁ କାଟି ଦେଇଥିଲେ। କ୍ୟାନସରରୁ ସେ ସିନା ମୁକ୍ତି ପାଇଗଲେ ହେଲେ ପରିବାର ପ୍ରତିପୋଷଣ କରିବାରେ ଅକ୍ଷମ ହୋଇଗଲେ। କିଛି କାମ କରି ରୋଜଗାର କରିବାର ଦୃଢ଼ ଇଚ୍ଛା ରଖିଥିଲେ ହେଁ ଅର୍ଥ ଅଭାବରୁ ସେ କୃତ୍ରିମ ହାତ ଓ ଗୋଡ଼ ଲଗାଇପାରୁ ନ ଥିଲେ। ଏପରି କି ସ୍ତ୍ରୀ ଓ ପୁଅଙ୍କ ମୁହଁରେ ଦାନା ଦେବାକୁ ତାଙ୍କ ନିକଟରେ ସମ୍ବଳ ନ ଥିଲା। ତେଣୁ ସେ ସରକାରୀ ଓ ବେସରକାରୀ ସହାୟତା ପାଇଁ ଆଶାବ୍ୟକ୍ତ କରିଥିଲେ। ଏ ନେଇ ଗତ ୧୧ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଜେଏସ୍‌ପି ପକ୍ଷରୁ ତାଙ୍କୁ ସହାୟତା କରିବାକୁ ଇଚ୍ଛା କରାଯାଇଥିଲା। ଧରିତ୍ରୀର ଖବରଦାତାଙ୍କ ସହଯୋଗ ନେଇ ଜେଏସ୍‌ପି ଫାଉଣ୍ଡେଶନର ଅଧିକାରୀମାନେ ଦୀପକଙ୍କ ଘରେ ପହଞ୍ଚି ତାଙ୍କୁ ଡିଏସ୍‌ଓବ୍ଲ୍ୟୁଓଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ତାଙ୍କର ଦିବ୍ୟାଙ୍ଗ ସାର୍ଟିଫିକେଟ ଆବେଦନ କରାଯିବା ସହ କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁଗୋଡ଼ ଓ ହାତର ମାପ ନିଆଯାଇଥିଲା। ଡିଏସ୍‌ଡବ୍ଲ୍ୟୁଓଙ୍କ ସହଯୋଗରେ କୃତ୍ରିମ ଅଙ୍ଗ ତିଆରି ପାଇଁ ସମ୍ପୃକ୍ତ ସଂସ୍ଥା ସହ ଆଲୋଚନା କରାଯାଇଥିଲା ଓ ଶୀଘ୍ର ତିଆରି କରି ଦେବାକୁ ଅନୁରୋଧ କରାଯାଇଥିଲା। ମଙ୍ଗଳବାର ଉକ୍ତ କୃତ୍ରିମ ହାତ ଓ ଗୋଡ଼ ଲଗାଯିବା ସହ ସେ କିଭଳି ଚଲାବୁଲା କରିବେ ସେଥିପାଇଁ ତାଲିମ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଜେଏସ୍‌ପି ଫାଉଣ୍ଡେଶନର ଅଧିକାରୀମାନେ ତାଙ୍କୁ ଆଣି ଘରେ ଛାଡ଼ିଦେଇଥିଲେ। ଏହି ସହାୟତା ପାଇଁ ଦୀପକ ଏବଂ ତାଙ୍କ ପରିବାର ପକ୍ଷରୁ ଜେଏସ୍‌ପି ଓ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଯାଇଛି।

# ଜିଲା ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେଡି ଟିମ୍



ଅଭିଯୋଗ ପାଇଁ ଆସିଥିବା ବିଜେଡି ନେତାମାନେ।

ଅନୁଗୋଳ, ୧୯।୩ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ଖଲାରୀ ପଞ୍ଚାୟତରେ ସୋମବାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଭାଜପାର ଜିଲା ଯୁବମୋର୍ଚ୍ଚା ସମ୍ପାଦକ ବିକାଶ ପ୍ରଧାନ ଖଲାରୀ ପଞ୍ଚାୟତରେ ଉଜ୍ଜଳା ଯୋଜନାରେ ଗ୍ୟାସ୍ ବଣ୍ଟନ କରିଥିଲେ। ଏହି ଘଟଣାର ତଦନ୍ତ କରିବାକୁ ଜିଲା ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ବିଜୁ ଯୁବ ଜନତା ଦଳର ଅନୁଗୋଳ ବ୍ଲକ ସଭାପତି ରାକେଶ ନନ୍ଦ, ପଞ୍ଚାୟତର ସଭାପତି କାହ୍ନୁ ପ୍ରଧାନ ଓ ନାଏବ ସରପଞ୍ଚ ଦୀନବନ୍ଧୁ ବେହେରା। ସେମାନେ ଜିଲା କାର୍ଯ୍ୟାଳୟରେ ନିର୍ବାଚନ ସେଲ୍‌ରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଏହି ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା ଅନୁଗୋଳ ନିର୍ବାଚନ ମଣ୍ଡଳୀର ଆର୍‌ଓ ବରଣ୍ୟେନ୍ଦୁ ମହାନ୍ତି କହିଛନ୍ତି।

# ଚାକିରି ନିୟମିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅନୁଗୋଳ, ୧୯।୩ (ଅମିତ କୁମାର ସାମଲ)

ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ଚାକିରି ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଗୋଳ ଜିଲାର ସମସ୍ତ ଠିକା କର୍ମଚାରୀ ଏକତ୍ରିତ ହୋଇ ସିଡିଏମ୍‌ଓଙ୍କ ଜରିଆରେଏହି ଦାବିପତ୍ର ପ୍ରଦାନ କରିଛନ୍ତି। ୫ ବର୍ଷରୁ ଅଧିକ ହେଲା ଚାକିରିକୁ ନିୟମିତ କରିବା ପାଇଁ ଦାବି ହେଉଥିଲେ ବି କୌଣସି ସମାଧାନ ହେଉନାହିଁ। ଫଳରେ ବାଧ୍ୟ ହୋଇ ପେନ୍ ଡାଉନ୍ କରିବା ସହିତ ଚାକିରି ନିୟମିତ କରିବା ପାଇଁ ଦାବି କରାଯାଇଥିବା ସରୋଜ କୁମାର ଦାସ ଓ ଦେବାଶିଷ ମିଶ୍ରଙ୍କ ସହ ଅନ୍ୟମାନେ କହିଛନ୍ତି। ଦାବି ପୂରଣ ନ ହେଲେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।



ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘର କର୍ମକର୍ତ୍ତାମାନେ।

# ଦୁର୍ଘଟଣାରେ ୨ ଯୁବକ ଗୁରୁତର

ଛେଣ୍ଡିପଦା, ୧୯।୩ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡିଆ ଥାନା ଦେଇ ଯାଇଥିବା ଛେଣ୍ଡିପଦା-ବାଗଡିଆ ରାସ୍ତାର ଧର୍ମଶାଳା ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଟ୍ରକ୍ ପଛରେ ପିଟି ହୋଇ ୨ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ବାଗଡିଆ ଥାନା ଅଞ୍ଚଳର ହର ପାଣିଗ୍ରାହୀ ଓ ସୌରଭ ରଞ୍ଜନ ପ୍ରଧାନ। ଘଟଣାରୁ ପ୍ରକାଶ, ବାଗଡ଼ିଆ ଗ୍ରାମର ସୌରଭ ଓ ହର ଏକ ମୋଟର ସାଇକେଲରେ ଛେଣ୍ଡିପଦା ଆଡୁ ବାଗଡିଆ ନିଜ ଘରକୁ ଫେରୁଥିବା ବେଳେ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ସେହି ବର୍ଷାରେ ଧର୍ମଶାଳା ନିକଟ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ଦୁହେଁ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ବାଗଡ଼ିଆ ପୋଲିସ ୨ ଗୁରୁତରଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରୁ ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।



# ୧୦ କି.ମି. ଗୋଡ଼ାଇ ଧରିଲା ସ୍ପେଶାଲ ସ୍କ୍ୱାଡ୍

## ୨ ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ, ୩ ଗିରଫ

ଛେଣ୍ଡିପଦା, ୧୯।୩ (ଅଜିତ ଧଳ)


ଚୋରା କୋଇଲା ଓ ମୋଟରସାଇକେଲକୁ ପୋଲିସ ଜବତ କରୁଛି।

ଚୋରା କୋଇଲା ଚାଲାଣ ବେଳେ ମଙ୍ଗଳବାର ୩ ଜଣଙ୍କୁ ଫିଲ୍ମ ଷ୍ଟାଇଲରେ ଧରିଛି ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ଓ ଛେଣ୍ଡିପଦା ପୋଲିସ। ଏପରି କି ୧୦ କିଲୋମିଟର ପିଛା କରିବା ପରେ ଗାଡ଼ି ଛାଡ଼ି ଫେରାର ହେବାକୁ ଚେଷ୍ଟା କରୁଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଜଙ୍ଗଲ ମଧ୍ୟରେ ଗୋଡ଼ାଇ ଗୋଡ଼ାଇ ଧରିବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଏକ ପିକ୍‌ଅପ୍ ଓ ମୋଟର ସାଇକେଲରେ ଚୋରା କୋଇଲା ଚାଲାଣ ହେଉଥିବା ସ୍ପେଶାଲ ସ୍କ୍ୱାର୍ଡ ଓ ପୋଲିସକୁ ଖବର ମିଳିଥିଲା। ଫଳରେ ସ୍ପେଶାଲ ସ୍କ୍ୱାଡ୍ ଓ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ପୋଲିସକୁ ଦେଖି କେତେଜଣ କୋଇଲା ଚୋରା ଚାଲାଣକାରୀ ଏକ ମୋଟର ସାଇକେଲ ଓ ପିକ୍‌ଅପ୍‌ରେ ଫେରାର ହୋଇଯାଉଥିବା ବେଳେ ପୋଲିସ ତାଙ୍କୁ ଗାଡ଼ିରେ ୧୦ କି.ମି. ପିଛା କରିଥିଲା। ତେବେ କୋଶଳା ଜଙ୍ଗଲ ନିକଟରେ ଚୋରା ଚାଲାଣକାରୀମାନେ ଗାଡ଼ି ଛାଡ଼ି ଜଙ୍ଗଲ ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ପିଛା କରୁଥିବା ପୋଲିସ ଜଙ୍ଗଲ ଭିତରେ ଗୋଡ଼ାଇ ଗୋଡ଼ାଇ ୩ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବରପଦା ଗ୍ରାମର ଅନିଲ ଦେହୁରୀ, କୁମୁଣ୍ଡା ଗ୍ରାମର ରିଙ୍କୁ ସାହୁ ଓ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ସନ୍ତୋଷ କୁମାର ସାହୁ। ଘଟଣାସ୍ଥଳରୁ ଏକ ପିକଅପ୍ ଭ୍ୟାନ ଓ ମୋଟର ସାଇକେଲ ସହ ୨ଟନରୁ ଅଧିକ ଚୋରା କୋଇଲା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ବୁଧବାର ସମ୍ପୃକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

# ଝଡ଼ବର୍ଷା ଯୋଗୁ କ୍ଷତି ଆଶଙ୍କାରେ ଚାଷୀ

କଣିହାଁ, ୧୯।୩ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଅଞ୍ଚଳରେ ସୋମବାର ରାତିରେ ଜୋର୍‌ଦାର ବର୍ଷା ସହିତ ପବନ ହୋଇଥିଲା। ଏଥିରେ କେତେଜଣ କଦଳୀ ଚାଷୀଙ୍କ କ୍ଷୟକ୍ଷତି ହୋଇଛି। ବହୁ ପରିମାଣର କଦଳୀ ଗଛ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସେହିପରି ପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଇଛି। ମଙ୍ଗଳବାର ପୁଣି ବର୍ଷା ହୋଇଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଅଧିକ ବର୍ଷା ହେଲେ ଚାଷ ଅଧିକ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଚାଷୀଙ୍କ ସହ ଦୋଳ ଉତ୍ସବ ପାଳନ କରୁଥିବା ଗ୍ରାମବାସୀମାନେ ଏ ନେଇ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। କଣିହାଁ ବ୍ଲକ କୃଷି ବିଭାଗ ଅଧିକାରୀ ଅନୁଜ କୁମାର ରାଉତ କହିଛନ୍ତି, ସୋମବାର ରାତିରେ ୧୪.୭ ମିଲିମିଟର ବର୍ଷା ହୋଇଥିବା ଆକଳନ କରାଯାଉଛି।

# ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ

ଆଠମଲ୍ଲିକ, ୧୯।୩ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୪ ନମ୍ବର ୱାର୍ଡର ହିନ୍ଦୋଳସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନରେ ଗ୍ରାମର ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇ ପବିତ୍ର ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କରିବା ସହିତ ଅଧିବାସ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂଜକ ସୁଧୀର କୁମାର ମିଶ୍ରଙ୍କ ଦ୍ୱାରା ମଙ୍ଗଳବାର ପ୍ରାତଃରେ ରାଧାକୃଷ୍ଣ ଓ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ରୀତିନୀତି ଅନୁଯାୟୀ ପୂଜା କରାଯାଇ ନାମ ଯଜ୍ଞର ଶୁଭାରମ୍ଭ ହୋଇଥିଲା। କର୍ତ୍ତା ଭାବରେ ପ୍ରିୟ ରଞ୍ଜନ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଅହୋରାତ୍ର ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା। ନାମ ଯଜ୍ଞରେ ୧୫ ଟି ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।



# ୩୦ରେ ଜିଲା ଓକିଲ ସଂଘ ନିର୍ବାଚନ

■ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ
■ ସଭାପତିରେ ଦ୍ୱିମୁଖୀ ଓ ସମ୍ପାଦକରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା
■ ୪ ପଦବୀର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଢେଙ୍କାନାଳ, ୧୯।୩ (ରତନ ନାୟାର)

ଢେଙ୍କାନାଳ ଓକିଲ ସଂଘର ନିର୍ବାଚନ ଆସନ୍ତା ୩୦ ତାରିଖ ଦିନ ଅନୁଷ୍ଠିତ ହେବ। ଏଥିନିମନ୍ତେ ମଙ୍ଗଳବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହୋଇଛି। ଏହି ପ୍ରାର୍ଥୀ ତାଲିକା ଅନୁଯାୟୀ ସଭାପତି ପଦବୀରେ ଦ୍ୱିମୁଖୀ ଓ ସମ୍ପାଦକ ପଦବୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ବାକି ୪ ପଦବୀରେ ଜଣେ ଲେଖାଏ ପ୍ରାର୍ଥୀ ଥିବାରୁ ଏହି ପଦବୀଗୁଡ଼ିକର ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀରେ କିଶାନ ବିଶ୍ୱାଳ ଓ ସଞ୍ଜୟ କୁମାର ମିଶ୍ରଙ୍କ ମଧ୍ୟରେ ମୁକାବିଲା ହେଉଥିବା ବେଳେ ସମ୍ପାଦକ ପଦବୀରେ ଟଙ୍କଧର ବେହେରା, ତାପସ କୁମାର କବିଶତପଥୀ ଓ ପ୍ରଶାନ୍ତ କୁମାର ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ଉପସଭାପତି ପଦବୀରେ ସରୋଜ କୁମାର ପାଢୀ, ଯୁଗ୍ମ ସମ୍ପାଦକରେ ଉତ୍ତମ କୁମାର ଦାସ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାଉତ ଓ କାର୍ଯ୍ୟକାରିଣୀ ସଦସ୍ୟରେ ଶକ୍ତିବ୍ରତ କେଶରୀ ଦେବ, ମଳୟ ପାଣିଗ୍ରାହୀ ଓ ତ୍ରିଲୋଚନ ସାହୁ ଜଣେ ଲେଖାଏ ପ୍ରାର୍ଥୀ ହୋଇଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବଚନ ଅଧିକାରୀ ଶ୍ରୀଧର କୁମାର ମିଶ୍ରଙ୍କ ସୂତ୍ରରୁ ଜଣାପଡିଛି। ଆସନ୍ତା ୩୦ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଂଘ କାର୍ଯ୍ୟାଳୟ ପରିସରରେ ଭୋଟ ଗ୍ରହଣ ହେବ। ଏହାପରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ ବୋଲି ଜଣାପଡିଛି।

# ଯୁବକଙ୍କୁ ଠେଙ୍ଗାରେ ମାଡ଼ ଅଭିଯୋଗ

ବଇଣ୍ଡା, ୧୯।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା କରଡ଼ାବାହାଲି ଗ୍ରାମର ନିର୍ମଳ ନାୟକଙ୍କୁ ସେହି ଗ୍ରାମର ଗଜେନ୍ଦ୍ର ନାୟକ, ବନ ନାୟକ ଏକ ଠେଙ୍ଗାରେ ମାଡ଼ ମାରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନିର୍ମଳଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୬୫/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ନିର୍ମଳ ଓ ଗଜେନ୍ଦ୍ରଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ଏହାକୁ କେନ୍ଦ୍ରକରି ସେ ଘରେ ଏକୁଟିଆ ଥିବାବେଳେ ଗଜେନ୍ଦ୍ର ଓ ବନ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପଟରେ ଗଜେନ୍ଦ୍ର ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ଘରେ ଥିବା ବେଳେ ତାଙ୍କୁ ନିର୍ମଳ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୬୬/୨୪ରେ ଏକ ମାମଲା ରୁଜୁ କରିଛି।

# କେକ୍‌ରୁ ବାହାରିଲା ଦିଆସିଲି କାଠି, ବ୍ରେଡ ଭିତରୁ ଗୁଟ୍‌ଖା ଜରି

ଅନୁଗୋଳ, ୧୯।୩ (ଅମିତ କୁମାର ସାମଲ)


କେକ୍, ବ୍ରେଡ୍ ଭିତରୁ ବାହାରିଥିବା ଦିଆସିଲି କାଠି ଓ ଗୁଟ୍‌ଖା ଜରି।

ଅନୁଗୋଳ ବଜାରରେ ବିକ୍ରି ହେଉଥିବା ଏକ ବେନାମୀ କମ୍ପାନୀର କେକ୍ ଭିତରୁ ଦିଆସିଲି କାଠି ଓ ବ୍ରେଡ୍ ଭିତରୁ ଚିରା ଯାଇଥିବା ଗୁଟ୍‌ଖା ଜରି ବାହାରିଛି। ଘଟଣା ଜଣାପଡ଼ିବା ପରେ ମଙ୍ଗଳବାର ଏହା ଚର୍ଚ୍ଚାର ବିଷୟ ହୋଇଛି। ଏସବୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଅତ୍ୟନ୍ତ ଅପରିଷ୍କାର ପରିବେଶରେ କରାଯାଉଥିବା ଏଥିରୁ ଅନୁମାନ କରାଯାଉଥିବା ବେଳେ ଏହାକୁ ନେଇ ସହରବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ସହରର ଜଣେ ଯୁବକ ଏକ ଦୋକାନରୁ ଏକ କେକ୍ କିଣିଥିଲେ। କିଛି କାର୍ଯ୍ୟରେ ଯିବାକୁ ଥିବାରୁ ସେ ଚଟାପଟ୍ ଉକ୍ତ କେକ୍ ଖାଇବାକୁ ବାହାରିଥିଲେ। ହେଲେ ତାହାକୁ ଭାଙ୍ଗିଦେବା ପରେ ସେଥିରୁ ଜଳା ଯାଇଥିବା ଏକ ଦିଆସିଲ କାଠି ବାହାରିଥିଲା। ଏହାକୁ ନେଇ ଯୁବକ ଜଣକ ସିଧାସଳଖ ଖାଦ୍ୟ ସୁରକ୍ଷା ବିଭାଗର ଅବହେଳାକୁ ଦାୟୀ କରିଥିଲେ। ଯେଉଁଠାରେ ଏହି କେକ୍ ପ୍ରସ୍ତୁତ କରାଯାଉଛି ସେଠାରେ ଚଢ଼ାଉ ହେଉନାହିଁ। କି କେଉଁ ପରିବେଶରେ ପ୍ରସ୍ତୁତ କରାଯାଉଛି, ତାହା ଯାଞ୍ଚ କରାଯାଉନାହିଁ। ଫଳରେ ଏଭଳି ଅସ୍ୱାସ୍ଥ୍ୟକର ଖାଦ୍ୟ ଲୋକେ ଖାଉଥିବା ଯୁବକ ଜଣକ କହିଛନ୍ତି। ସେହିପରି ଅନ୍ୟ ଏକ ସ୍ଥାନରେ ବ୍ରେଡ୍‌ରୁ ଚିରା ଯାଇଥିବା ଗୁଟ୍‌ଖା ଜରି ବାହାରିଥିବା ସୂଚନା ମିଳିଛି। ସହରରେ ମାଳ ମାଳ ଏପରି ଖାଦ୍ୟ ପ୍ରସ୍ତୁତକାରୀ ବେନାମୀ କମ୍ପାନୀ ଗଢ଼ି ଉଠୁଥିବା ବେଳେ ତାହାକୁ ଯାଞ୍ଚ କରାଯାଉ ନାହିଁ। ଫଳରେ ସେମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଏସବୁ ଖାଦ୍ୟ ପ୍ରସ୍ତୁତ କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଛନ୍ତି। ଏଥିସହ ସୋମବାର ସନ୍ଧ୍ୟାରେ ଅନୁଗୋଳର ଏକ ବେକେରୀରୁ ମଗାଯାଇଥିବା ଖାଦ୍ୟ ବାସି ବୋଲି ଜଣାପଡ଼ିବା ପରେ ଖାଦ୍ୟ ମଗାଇଥିବା ବ୍ୟକ୍ତି ଜଣକ ଏ ନେଇ ଉକ୍ତ ସଂସ୍ଥାର ଉପରିସ୍ଥ ଅଧିକାରୀଙ୍କୁ ମେଲ୍ ଯୋଗେ ଅବଗତ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଅନୁଗୋଳର ଖାଦ୍ୟ ସୁରକ୍ଷା ବିଭାଗ କେତେ ସଜାଗ ତାହା ସ୍ପଷ୍ଟ ହେଉଛି। ଘଟଣା ସମ୍ପର୍କରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଧନଞ୍ଜୟ ବେହେରା କହିଛନ୍ତି, ଏଭଳି ଘଟଣା ଘଟୁଥିଲେ ତୁରନ୍ତ ଖାଦ୍ୟର ମାନ ପରଖାଯିବ। ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯିବ।

# ମୁଣ୍ଡବିନ୍ଧା ବଢ଼ାଉଛି ଅଳିଆ ସମସ୍ୟା

■ କାଉନସିଲର, ସ୍ଥାନୀୟ ଲୋକଙ୍କ ବିରୋଧ

■ ହଟହଟା ହେଲେ ଅନୁଗୋଳ ପୌର କର୍ମଚାରୀ

ଅନୁଗୋଳ, ୧୯।୩
(ଅମିତ କୁମାର ସାମଲ)


ବିରୋଧ କରୁଥିବା ୱାର୍ଡବାସୀ।

ଅନୁଗୋଳ ସହରରେ ଦିନକୁ ଦିନ ଅଳିଆ ପରିଚାଳନା ସମସ୍ୟା ଜଟିଳ ରୂପ ଧାରଣ କରୁଛି। ସହର ଅଳିଆ ଡମ୍ପିଂୟାର୍ଡରେ ପଡ଼ିପାରୁ ନାହିଁ କି ରାସ୍ତା ପାର୍ଶ୍ୱ ପରିତ୍ୟକ୍ତ ସ୍ଥାନରେ ଗଦା ହୋଇପାରୁ ନାହିଁ। ଫଳରେ ଦୈନିକ ଉଠାଯାଉଥିବା ସହର ଆବର୍ଜନା କୁଆଡ଼େ ଫିଙ୍ଗାଯିବ, ସେ ନେଇ ପୌର କର୍ତ୍ତୃପକ୍ଷଙ୍କୁ ବାଟ ମିଳୁନାହିଁ। ଯେଉଁଆଡ଼େ ଅଳିଆ ଗାଡ଼ି ଯାଉଛି, ସିଆଡ଼େ ବିରୋଧ ହେଉଛି। ଫଳରେ ସହରରେ ଆବର୍ଜନା ଗଦା ହୋଇ ରହିଥିବାବେଳେ ଦୁଇ ଦିନ ହେବ ବର୍ଷା ଯୋଗୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି, ଯାହା ପୌର କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧା ବଢ଼ାଇ ଦେଇଛି।

ପ୍ରକାଶ ଯେ, ପୂର୍ବରୁ ସହରରୁ ବାହାରୁଥିବା ସମସ୍ତ ଅଳିଆ ପଞ୍ଚମହଲାସ୍ଥିତ ଡମ୍ପିଂୟାର୍ଡରେ ପକାଯାଉଥିଲା। ହେଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨ ମାସ ମଧ୍ୟରେ ସେଠାରେ ଜମା ହୋଇଥିବା ପଲିଥିନ୍ ଓ ପ୍ଲାଷ୍ଟିକ୍ ଉଠାଇବାକୁ ନିର୍ଦ୍ଦେଶ ଥିବାରୁ କିଛିଦିନ ହେଲା ସେଠାକୁ ଆଉ ଅଳିଆ ନିଆଯାଉ ନ ଥିବାରୁ ଏବେ ସମସ୍ୟା ସୃଷ୍ଟି ହୋଇଛି। ୱାର୍ଡ ନଂ. ୬ରେ ଲୁଚାଣିଆ ଅଳିଆ ପକାଇବା ବେଳେ ସ୍ଥାନୀୟ ଲୋକ ଏହାକୁ ବିରୋଧ କରିଥିଲେ। ଏଭଳି କି ଅଳିଆ ଆଣି କାହିଁକି ଏହି ଅଞ୍ଚଳକୁ ଦୂଷିତ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ବ୍ୟାଟେରି ଚାଳିତ ଅଟୋରୁ ଅଳିଆ କାଢ଼ିବାକୁ ଦେଇ ନ ଥିଲେ। ଖବରପାଇ ସ୍ଥାନୀୟ କାଉନସିଲର ସୁଶୀଲ ମୁଖୀ ପହଞ୍ଚି ବିରୋଧ କରିବା ପରେ ଅଳିଆ ବୋଝେଇ ଗାଡ଼ି ସେଠାରୁ ପେରିଆସିଥିଲା। ଏ ନେଇ ୱାର୍ଡରେ ମଙ୍ଗଳବାର ଅପରାହ୍ନରେ ଏକ ବୈଠକ ବସିଥିଲା। ଅଳିଆ ଗାଡ଼ି ପୁନର୍ବାର ଲୁଚାଣିଆ ଭାବେ ଆସି ଅଳିଆ ପକାଇଲେ ଟ୍ରାକ୍ଟରରେ ଅଳିଆ ଧରି ପୌରପାଳିକା ଆଗରେ ଜମା କରାଯିବ ବୋଲି ୱାର୍ଡବାସୀ ଚେତାବନୀ ଦେଇଥିଲେ। ଏଥିସହ ପୌରକର୍ତ୍ତୃପକ୍ଷଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଘଟଣା ସମ୍ପର୍କରେ ପୌରପାଳିକାର ଜଣେ ଅଧିକାରୀ କହିଛନ୍ତି, ସହରର ଅଳିଆ ପକାଇବାକୁ ଜାଗା ନାହିଁ। ଡମ୍ପିଂୟାର୍ଡରେ ଜରିଗୋଟା କାର୍ଯ୍ୟ ଚାଲୁଥିବାରୁ ସେଠାରେ ଅଳିଆ ପକାଇବାକୁ ଅନୁଗୋଳ ପୌରପାଳିକାର ନିର୍ବାହୀ ଯନ୍ତ୍ରୀ ବାରଣ କରିଛନ୍ତି। ତେଣୁ ଅଳିଆକୁ ସହରର ଖାଲି ସ୍ଥାନରେ ଫିଙ୍ଗାଯାଉଛି। ଅନ୍ୟଜଣେ କର୍ମଚାରୀ କହିଛନ୍ତି, ଅଳିଆ ପରିଚାଳନା କରିବାକୁ ନେଇଥିବା ଠିକା ସଂସ୍ଥାର କର୍ମଚାରୀମାନେ ଏଭଳି କାଣ୍ଡ କରୁଛନ୍ତି। ସେମାନଙ୍କୁ ଗୋଟିଏ ସ୍ଥାନରେ କୁହାଗଲେ, ସେ ଗାଡ଼ି ଧରି ଅନ୍ୟସ୍ଥାନରେ ଫିଙ୍ଗୁଛନ୍ତି। ଫଳରେ ଲୋକମାନେ ଅତିଷ୍ଠ ହେଉଛନ୍ତି। ଠିକାସଂସ୍ଥାର କର୍ମଚାରୀଙ୍କୁ ବାରଣ କରିବା ପରେ ମଧ୍ୟ ସେମାନେ ଚେତୁନାହାନ୍ତି। ଏଭଳି କରାଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଛାତ ଶିଡିରୁ ପଡ଼ି ଜଣେ ମୃତ

ଅନୁଗୋଳ, ୧୯।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଖମାର ଥାନା ଇଞ୍ଜିଡି ପଞ୍ଚାୟତ କୁକୁରିଆ ଗାଁର ଅନୁକୂଳ ବିଶ୍ୱାଳଙ୍କ ପୁଅ ପବିତ୍ର ମୋହନ ବିଶ୍ୱାଳ (୪୭) ଛାତ ଶିଡ଼ିରୁ ପଡ଼ି ପ୍ରାଣ ହରାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ପବିତ୍ର ମୋହନ ସୋମବାର ରାତିରେ ଛାତ ଉପରେ ଶୋଇଥିଲେ। ବିଳମ୍ବିତ ରାତିରେ ବର୍ଷା ହେବାରୁ ସେ ତଳକୁ ଆସୁଥିବା ବେଳେ ଗୋଡ଼ ଖସି ଯିବାରୁ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ଏ ନେଇ ଥାନାରେ ଜଣାଇବା ପରେ ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସ୍ୱର୍ଣ୍ଣପଦକ ହାସଲ କଲେ ସୁଚିତ୍ରା

ତାଳଚେର, ୧୯।୩
(ମନୋଜ ନନ୍ଦ)



ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଦ୍ୱାରା ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଗତ ୧୫ ରୁ ୧୭ ତାରିଖ ଯାଏ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରାୟ ୩ ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ତାଳଚେର କଂସମୁଣ୍ଡା ଗ୍ରାମର ସୁଚିତ୍ରା ବେହେରା ବରିଷ୍ଠ ମହିଳାବର୍ଗ (୫୭ କେଜି)ରେ ୧୭୦ କେଜିରେ ସ୍ୱର୍ଣ୍ଣପଦକ ହାସଲ କରି ଅନୁଗୋଳ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଜଣେ ଗୃହିଣୀ ହୋଇ ସୁଚିତ୍ରା ଏ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ବହୁ ପରିଶ୍ରମ ଓ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ସ୍ୱାମୀ ଭରତପୁର କୋଇଲା ଖଣିରେ କାର୍ଯ୍ୟରତ ଅଛନ୍ତି। ତାଳଚେର ଅଞ୍ଚଳରେ ଏ ସୁବିଧା ନ ଥିବାରୁ ସେ ଦୈନିକ ୧୫ କି.ମି. ଦୂର ଅନୁଗୋଳ ଆସି ଏକ ଘରୋଇ ଜିମ୍‌ରେ ଅଭ୍ୟାସ କରୁଥିଲେ। ଆଗକୁ ସେ ଆନ୍ତର୍ଜାତିକ ସ୍ତରରେ ଖେଳିବା ପାଇଁ ଆଶା ରଖିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଅଞ୍ଚଳବାସୀ ତାଙ୍କ ବାସଭବନକୁ ଆସି ଶୁଭେଚ୍ଛା ଜଣାଇଛନ୍ତି। ସ୍ୱାମୀଙ୍କ ସହଯୋଗ ଓ ଗୁରୁ ହିମାଂଶୁ ସାହୁଙ୍କ ତତ୍ତ୍ୱାବଧାନରେ ସେ ଆଗକୁ ଯାଇପାରିଛନ୍ତି ବୋଲି ସୁଚିତ୍ରା ପ୍ରକାଶ କରିଛନ୍ତି।

# ଜିଲା ଦାବିରେ ଶାନ୍ତିପୂର୍ଣ୍ଣ ଗଣଧାରଣା ସ୍ଥଗିତ


ଉପଜିଲାପାଳଙ୍କୁ ସ୍ଥଗିତପତ୍ର ପ୍ରଦାନ କରାଯାଉଛି।

ତାଳଚେର, ୧୯।୩ (ମନୋଜ ନନ୍ଦ)

ତାଳଚେରକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଲୁଥିବା ଗଣଧାରଣାକୁ ସ୍ଥଗିତ ରଖାଯାଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଗଣଧାରଣା ଦୀର୍ଘ ୪୭୦ ଦିନରେ ପହଞ୍ଚିଥିବାବେଳେ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହାକୁ ସମ୍ମାନ ଜଣାଇ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ସ୍ଥଗିତ ରଖାଯାଇଥିବା ଉପଜିଲାପାଳଙ୍କୁ ସାକ୍ଷାତ କରି ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଏହାର ନକଲ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ, ଅନୁଗୋଳ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ଥଗିତପତ୍ର ପ୍ରଦାନ ବେଳେ ଚୈତନ୍ୟ ପ୍ରଧାନ, ପଦ୍ମ ଚରଣ ସାମଲ, କେଶବ ଭୂତିଆ, ଅଭୟ ପାଣି, ଶୋଭାଗିନୀ ଦେବୀ, ରଞ୍ଜିତ କୁମାର ମହାପାତ୍ର, ଡିଲେଶ୍ୱର ବେହେରା, ପ୍ରଫୁଲ୍ଲ ନାଏକ, ବଳରାମ କୁଣ୍ଡ, ସଞ୍ଜୀବ ନାଏକ, ଉତ୍କଳ କେଶରୀ ସିଂ, ପଦ୍ମନାଭ ସାହୁ, ଗଗନ ବିହାରୀ ଦାସ, ଅନ୍ତର୍ଯ୍ୟାମୀ ପ୍ରଧାନ, ସନ୍ତୋଷ ମହାପାତ୍ର, ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ ଜବତ, ୨ ଗିରଫ

ବଇଣ୍ଡା, ୧୯।୩ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ପୋଲିସ ସୋମବାର ଘନପୁର ଅଞ୍ଚଳରେ ଚଢ଼ାଉ କରି ଶ୍ରୀମତୀ ବେହେରାଙ୍କ ଘରୁ ୧୩ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ହଣ୍ଡପା ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ଏ ନେଇ ନମ୍ବର ୧୧୮/୨୪ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି କିଶୋରନଗର ପୋଲିସ ଆମ୍ବପାଳ ଅଞ୍ଚଳରେ ଚଢ଼ାଉ କରି ପଦ୍ମପୁର ଗ୍ରାମର ତପନ ସାଇଁଙ୍କ ଠାରୁ ୧୩ ଲିଟର ଚୋରା ପାଉଚ ମଦ ଜବତ କରିଛି। ସେ ଆମ୍ବପାଳ ଅଞ୍ଚଳରେ ମଦ ବିକ୍ରି କରୁଥିବା ବେଳେ ଖବରପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ଏ ନେଇ ନଂ.୬୬/୨୪ ରେ ଏକ ମାମଲା ରୁଜୁ କରିଛି।

# ଭୋଟ୍‌ଦାନ ବଢ଼ାଇବାକୁ ଭୋଟରଙ୍କୁ କରାଯିବ ସଚେତନ

ଅନୁଗୋଳ, ୧୯।୩
(ଅମିତ କୁମାର ସାମଲ)


ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀମାନେ।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲାରେ ଭୋଟଦାନ ପ୍ରତିଶତ ଅଧିକରୁ ଅଧିକ ବଢ଼ାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିନିମନ୍ତେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଉଛି। ଏହି ବୈଠକରେ ଜିଲାରେ ଥିବା ଭୋଟର ମୁଖ୍ୟତଃ ଯୁବ, ମହିଳା ଓ ସହରାଞ୍ଚଳ ବାସିନ୍ଦାଙ୍କୁ ଭୋଟ ଦାନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରିବା ପାଇଁ ସ୍ଥିର କରାଯାଇଛି। ଏଥିନିମନ୍ତେ ଜିଲାରେ ଥିବା ମହାବିଦ୍ୟାଳୟ ଗୁଡିକରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭୋଟର ମହତ୍ତ୍ୱକୁ ନେଇ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା, ପଥ ଉତ୍ସବ ଆୟୋଜନ କରିବା, ଜିଲାରେ ଥିବା ମୁଖ୍ୟ ଛକ ସ୍ଥାନରେ ଲୋକ କଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା, ବସ୍‌ଷ୍ଟାଣ୍ଡ ଏବଂ ରେଳଷ୍ଟେଶନ ଠାରେ ସେଲଫି ପଏଣ୍ଟ ସ୍ଥାପନ ଓ ଦସ୍ତଖତ ଅଭିଯାନ ଆୟୋଜନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସଚେତନତା ବାର୍ତ୍ତା ନେଇ ମାନବଶୃଙ୍ଖଳ ଓ ଶୋଭାଯାତ୍ରା ଆୟୋଜନ କରିବା ସହିତ ସମସ୍ତ ସରକାରୀ ଯାନରେ ଷ୍ଟିକରିଂ ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ସ୍ଥିର କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଡେପୁଟି କେଲେକ୍ଟର (ନିର୍ବାଚନ) ମମତା ପ୍ରଧାନ ଓ ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ତାଳଚେର ଥର୍ମାଲରେ ସୁରକ୍ଷା ମକ୍‌ଡ୍ରିଲ



ତାଳଚେର, ୧୯।୩ (ମନୋଜ ନନ୍ଦ)

ଏନ୍‌ଟିପିସି ତାଳଚେର ଥର୍ମାଲ ପ୍ରୋଜେକ୍ଟରେ ଗତ ୧୮ ତାରିଖରେ ପାର୍ଶ୍ୱବର୍ତ୍ତୀ ନାଲ୍‌କୋ, ଭାରିଜଳ କାରଖାନା, ଏଫ୍‌ସିଆଇ ଓ କଣିହାଁ ଏନ୍‌ଟିପିସିର ମିଳିତ ସୁରକ୍ଷା ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫ୍ୟାକ୍ଟ୍ରି ଓ ବଏଲର୍ସ ବିଭାଗ ଡେପୁଟି ଡାଇରେକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା ଓ ନିରୀକ୍ଷଣ କରିଥିଲେ। ଏହି ମକ୍‌ଡ୍ରିଲରେ ଆପଦା ସମୟରେ ସୁରକ୍ଷା ସମ୍ପର୍କିତ ଉଦ୍ଧାରକାର୍ଯ୍ୟ, ଅଗ୍ନି ନିର୍ବାପନ ଓ ସୁରକ୍ଷା ନିୟମାବଳୀର ଡ୍ରିଲ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଟିପିସି ତାଳଚେର ଥର୍ମାଲର ଜିଏମ ପ୍ରୋଜେକ୍ଟ, ସିଆଇଏସଏଫ ମୁଖ୍ୟ, ସୁରକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ

କଣିହାଁ, ୧୯।୩ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ନିକଟସ୍ଥ ପାୱାର ଗ୍ରୀଡ୍‌ରେ ୫୩ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପାୱାର ଗ୍ରୀଡ୍‌ର ମୁଖ୍ୟ ପ୍ରବନ୍ଧକ ତଥା ଉପକେନ୍ଦ୍ର ସୁରକ୍ଷା ଅଧିକାରୀ ଜୀ. ଥିନାକରନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଲାଇନମ୍ୟାନ ଓ ଫିଟରଙ୍କୁ ବିଦ୍ୟୁତ୍ ସମ୍ବନ୍ଧୀୟ ବିପଦ ଏବଂ ଏହାର ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ କାର୍ଯ୍ୟରେ ଉତ୍କର୍ଷତା ହାସଲ କରିଥିବା କର୍ମଚାରୀଙ୍କୁ ଉପମହାପ୍ରବନ୍ଧକ (ଉପକେନ୍ଦ୍ର ପ୍ରଭାରୀ) ଦେବଦତ୍ତ ପାଢ଼ୀ ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ୫୩ ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ପାଢ଼ୀ ଉପକେନ୍ଦ୍ରର ସମସ୍ତ କର୍ମଚାରୀ, ଶ୍ରମିକ ଓ ସୁରକ୍ଷା କର୍ମଚାରୀଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ଶପଥ ପାଠ କରାଇଥିଲେ। ପାୱାର ଗ୍ରୀଡ୍ ପରିସରରେ ଏହାର କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ନେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉପ ମହାପ୍ରବନ୍ଧକ ପୁରସ୍କାର ପ୍ରଦାନ କରିଥିଲେ। ପାୱାର ଗ୍ରୀଡ୍‌ର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅଧିକାରୀମାନେ।

# ପୋଲ ଉପରେ ୨ ଫୁଟ ପାଣି, ଯାତାୟାତ ବାଧାପ୍ରାପ୍ତ


ପୋଲ ଉପରେ ପାଣି ଜମି ରହିଛି।

ଡେରଙ୍ଗ/କଣିହାଁ, ୧୯।୩
(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କଣିହାଁ ପଞ୍ଚାୟତ ଅଧୀନ ମସୁଣିହତା ଗ୍ରାମଦେଇ ଡେରଙ୍ଗକୁ ଯାଉଥିବା ପୋଲ ଉପରେ ମଙ୍ଗଳବାର ଅଦିନିଆ ବର୍ଷାରେ ୨ଫୁଟ ଉଚ୍ଚର ପାଣି ଦେଖିବାକୁ ମିଳିଥିଲା। ପୋଲଟି ଅଣ ଓସାରିଆ ହୋଇଥିବା ଯୋଗୁ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ପୋଲ ଉପରେ ଡେରଙ୍ଗ ପଞ୍ଚାୟତ, କାକୁଡ଼ିଆ ପଞ୍ଚାୟତବାସୀ ନିର୍ଭର କରନ୍ତି। ସେହିପରି ଜେଆଇଟିପିଏଲ, ଏନ୍‌ଟିପିସି ଆଶପଣ୍ଡକୁ ଲୋକମାନେ ଯାତାୟାତ କରିଥାନ୍ତି। ହେଲେ ଅଦିନିଆ ବର୍ଷାରେ ପୋଲ ଉପରେ ପାଣି ଜମିଯିବା ଯୋଗୁ କଣିହାଁ ବ୍ଲକ ଅଫିସ, ତହସିଲ, କଣିହାଁ ମେଡିକାଲ, କଲେଜ, ସ୍କୁଲ ଆଦିକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବର୍ଷାଋତୁ ପୂର୍ବରୁ ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର କରାଯିବାକୁ ସାଧାରଣରେ ଦାବି ହେଉଛି।

# କାଳବୈଶାଖୀ ଯୋଗୁ ୨ ପରିବାର ବେସାହାରା

କାମାକ୍ଷାନଗର, ୧୯।୩
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତ ଶାନ୍ତିନଗର ସାହିରେ ସୋମବାର ବିଳମ୍ବିତ ରାତିରେ କାଳବୈଶାଖୀ ଯୋଗୁ ୨ ପରିବାରର ଘର ଭାଙ୍ଗିଯାଇଛି। ଗାଁର କୀର୍ତ୍ତନ ଦେହୁରୀ(୫୮) ଓ ସୁଲତାନ ଦେହୁରୀ(୫୩)ଙ୍କ ଘର ପାଖରେ ଥିବା ଏକ ବଡ଼ ଆମ୍ବ ଗଛ ଭାଙ୍ଗି ଘର ଉପରେ ପଡ଼ିବା ଯୋଗୁ ଏହି ୨ ପରିବାର ବେଘର ହୋଇଯାଇଛନ୍ତି। ଖବରପାଇ କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ପହଞ୍ଚି ଘର ଉପରେ ପଡ଼ିଥିବା ଆମ୍ବ ଗଛକୁ ହଟାଇଥିଲେ। କୀର୍ତ୍ତନ ଓ ସୁଲତାନ ଦିନ ମଜୁରିଆ ଶ୍ରେଣୀର ହୋଇଥିବା ବେଳେ ମିଶନଶକ୍ତି ତରଫରୁ ଛେଳି ଚାଷ ନିମନ୍ତେ କରାଯାଇଥିବା ଛେଳି ଘର ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏ ସଂକ୍ରାନ୍ତରେ କଙ୍କଡାହାଡ଼ ତହସିଲଦାର ସୌଦାମିନୀ ନାୟକ କହିଛନ୍ତି, କ୍ଷତିଗ୍ରସ୍ତ ଉଭୟ ପରିବାରର କ୍ଷୟକ୍ଷତିର ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ଦିଆଯିବ। କଙ୍କଡାହାଡ଼ ରାଜସ୍ୱ ନିରୀକ୍ଷକଙ୍କୁ ଏହାର ତଦନ୍ତ କରିବା ପାଇଁ କୁହାଯାଇଛି।


ଘର ଉପରେ ଆମ୍ବ ଗଛ ଭାଙ୍ଗିପଡ଼ିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏ ଦୁର୍ନୀତିର ତଦନ୍ତ କଲେ ଲୋକପାଳ

ବଇଣ୍ଡା, ୧୯।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିବା ବେଳେ ମଙ୍ଗଳବାର ଲୋକପାଳ ଏହାର ତଦନ୍ତ କରିଛନ୍ତି। ଗତ ୧ ତାରିଖରେ ବଡ଼ଡଙ୍ଗିଆଣୀ ଗ୍ରାମର ଅବିନାଶ ପ୍ରଧାନ ଏ ନେଇ ଅନୁଗୋଳ ଲୋକପାଳଙ୍କ ଠାରେ ଅଭିଯୋଗ କରିଥିଲେ।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ନାକିଚି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରାଯାଉଛି। ପଞ୍ଚାୟତରେ ୨୯୧୨ ଜଣ ଜବକାର୍ଡଧାରୀ ଥିବାବେଳେ ସେମାନଙ୍କୁ ଠିକ୍ ଭାବରେ କାମ ଯୋଗାଇ ଦିଆଯାଉନାହିଁ। ବିଶେଷକରି ଜାନୁଆରୀ ୨୦୨୪ରେ ବଡ଼ ଡଙ୍ଗିଆଣୀଠାରୁ କଣ୍ଡାଳ ଟିଭି ସେଣ୍ଟର ପର୍ଯ୍ୟନ୍ତ ଏକ ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ଏହି ରାସ୍ତାରେ ଶ୍ରମିକଙ୍କ ପରିବର୍ତ୍ତେ ଜେସିବି ମେସିନର ବ୍ୟବହାର କରାଯାଇଥିଲା। ୧୫ ଦିନ ମଧ୍ୟରେ ରାସ୍ତା ନିର୍ମାଣ ସହ ୮ ଲକ୍ଷ ଟଙ୍କାର ମିଥ୍ୟା ବିଲ୍ କରାଯାଇ ଅର୍ଥ ହଡପ ପାଇଁ ଯୋଜନା କରାଯାଇଥିଲା। କେତେଜଣ ଶ୍ରମିକଙ୍କୁ ହାତ ଗୁଞ୍ଜା ଦେଇ ସେମାନଙ୍କ ଜବକାର୍ଡରେ କାମ କରାଯାଇଥିବା ଦର୍ଶାଇ ବିଲ୍ ଉଠାଣ କରାଯାଉଛି। ଉକ୍ତ ଘଟଣାକୁ ଭିଜିଲାନ୍ସ ମାଧ୍ୟମରେ ଲୋକପାଳ ତଦନ୍ତ କରିବା ପାଇଁ ଦାବି କରାଯାଇଥିଲା। ଅନୁଗୋଳ ଲୋକପାଳ ବିଭୂତି ଭୂଷଣ ପଟ୍ଟନାୟକ ଘଟଣା ସ୍ଥଳକୁ ଆସି ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯିବ ବୋଲି ଅଞ୍ଚଳବାସୀଙ୍କୁ କହିଛନ୍ତି। ଏହି ତଦନ୍ତ ସମୟରେ ସରପଞ୍ଚ ମନୋଜ ବାଘ, ୱାର୍ଡ ମେମ୍ବର ସଂଯୁକ୍ତା ପ୍ରଧାନ, ଅଭିଯୋଗ କାରୀ ଅବିନାଶ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବଂଶୀଧର ସେଠୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ମନ୍ତବ୍ୟ ଦେଇ ନ ଥିଲେ।


ଦୁର୍ନୀତି ଅଭିଯୋଗର ତଦନ୍ତ କରାଯାଉଛି।

# ଗିରଫ ଖବରଦାତାଙ୍କ ଠକେଇ ସାମ୍ରାଜ୍ୟ ଗୁମର ଖୋଲୁଛି

ଢେଙ୍କାନାଳ,୧୯।୩(ରତନ ନାୟାର)

- ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ, ୪ ମାମଲା
- ରେଳ ଟିଟିଇ ଚାକିରି କରାଇ ଦେବାକୁ କହି ୮ଲକ୍ଷ ଠକେଇ
- ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିବ ପୋଲିସ

ଢେଙ୍କାନାଳ ଜିଲା ସଦର ଥାନା ଶୁଆଖାଇକାଟେଣୀ ଅଞ୍ଚଳର ଖବରଦାତା ରସାନନ୍ଦ ନାୟକଙ୍କୁ ସୋମବାର ଗିରଫ ପରେ ତାଙ୍କର ଠକେଇ ସାମ୍ରାଜ୍ୟର ଗୁମର ଦିନକୁ ଦିନ ଖୋଲିବା ଆରମ୍ଭ ହୋଇଛି। ଢେଙ୍କାନାଳ ଟାଉନ ଥାନା ଓ ସଦର ଥାନାରେ ତାଙ୍କ ନାମରେ ୪ଟି ଠକେଇ ମାମଲା ରହିଥିବା ବେଳେ ପ୍ରାୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସେ ଠକେଇ କରିଥିବା ଅଭିଯୋଗ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ମଙ୍ଗଳବାର ରସାନନ୍ଦଙ୍କ ନାମରେ ଟାଉନ ଥାନାରେ ଆଉ ଏକ ଠକେଇ ମାମଲା ରୁଜୁ ହୋଇଛି।

ଢେଙ୍କାନାଳ ସହରରେ ୨୦୧୬ ମସିହାରେ ସଦର ଥାନା ଖୁଣ୍ଟୁଝାରି ଗ୍ରାମର ଗତିକୃଷ୍ଣ ରାଉତ ନାମକ ଜଣେ ବ୍ୟକ୍ତିଙ୍କୁ ରେଳ ଟିଟିଇ ଚାକିରି କରାଇଦେବାକୁ କହି ତାଙ୍କଠାରୁ ୮ଲକ୍ଷ ଟଙ୍କା ରସାନନ୍ଦ ଠକେଇ କରି ନେଇଥିଲେ। ଏଥିପାଇଁ ସେ ଢେଙ୍କାନାଳ ସହରରେ ରସାନନ୍ଦଙ୍କ ସହ ଏଗ୍ରିମେଣ୍ଟ କରିଥିଲେ। ଚାକିରି ନ ମିଳିବାରୁ ଗତିକୃଷ୍ଣ ବହୁବାର ରସାନନ୍ଦଙ୍କୁ ଟଙ୍କା ଫେରେଇବା ପାଇଁ କହିଥିଲେ। ହେଲେ ରସାନନ୍ଦ ତାଙ୍କୁ ଟଙ୍କା ଫେରାଇଦେବି ବୋଲି କହି ଆଉ ଧରାଛୁଆଁ ଦେଇ ନ ଥିଲେ। ସୋମବାର ରସାନନ୍ଦ ଗିରଫ ହେବା ଖବରପାଇ ଗତିକୃଷ୍ଣ ଢେଙ୍କାନାଳ ଟାଉନ ଥାନାରେ ପହଞ୍ଚି ଠକେଇ ନେଇ ଅଭିଯୋଗ କରିବା ପରେ ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ–୨୦୩।୨୪ରେ ଏକ ମାମଲା ରୁଜୁ କରାଯାଇଛି। ଢେଙ୍କାନାଳ ଟାଉନ ଥାନାରେ ରସାନନ୍ଦଙ୍କ ବିରୋଧରେ ୩ଟି ଠକେଇ ମାମଲା ଥିବା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଥିବା ବେଳେ ସଦର ଥାନାରେ ତାଙ୍କ ନାମରେ ଗୋଟିଏ ଠକେଇ ମାମଲା ଥିବା ଥାନା ଅଧିକାରୀ ଦୀପକ ଲେଙ୍କା ସୂଚନା ଦେଇଛନ୍ତି। ସେହିପରି ଆହୁରୀ ଅଧିକ ଠକେଇର ଶିକାର ହୋଇଥିବା ବ୍ୟକ୍ତି ପୋଲିସକୁ ମଧ୍ୟ ଠକାମି ସମ୍ପର୍କରେ ଅବଗତ କରାଇଥିବା ଜଣାପଡିଛି। ସବୁଠି ଚାକିରି ଦେବାକୁ କହି ରସାନନ୍ଦ ଠକେଇ କରିଥିବା ଜଣାପଡିଛି। ଏ ନେଇ ମାମଲା ରୁଜୁ ହେବାପରେ ତାଙ୍କୁ ଖବରଦାତା ପଦବୀରୁ ସଂସ୍ଥା ପକ୍ଷରୁ ହଟାଇ ଦିଆଯାଇଥିବା ସୂଚନା ମିଳିଛି। ସଦରଥାନା ପୋଲିସ ଠକେଇ ମାମଲାରେ ରସାନନନ୍ଦଙ୍କୁ ରିମାଣ୍ଡରେ ଆଣିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଆବଶ୍ୟକ ପଡିଲେ ଟାଉନ ଥାନା ପୋଲିସ ରିମାଣ୍ଡରେ ଆଣିପାରେ ବୋଲି ଥାନା ଅଧିକାରୀଙ୍କ ସୂଚନାରୁ ଜଣାପଡିଛି। ଢେଙ୍କାନାଳ ସହର କାଠଗଡା ଅଞ୍ଚଳରେ ରହୁଥିବା ସୁଶାନ୍ତ କୁମାର ତ୍ରିପାଠୀ ନାମକ ଜଣେ ଯୁବକଙ୍କୁ ସରକାରୀ ଚାକିରି ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀ ଚାକିରି କରାଇ ଦେବାକୁ କହି ତାଙ୍କଠାରୁ ୪ଲକ୍ଷ ୧୦ହଜାର ଟଙ୍କା ଠକେଇ କରିବା ଅଭିଯୋଗରେ ମାମଲା ରୁଜୁ କରି ଫେରାର ଥିବା ରସାନନ୍ଦଙ୍କୁ ସୋମବାର ରାତି ୮ଟାରେ ଟାଉନ ଥାନା ପୋଲିସ କାମାକ୍ଷାନଗରଠାରେ ଥିବା ଏକ ଭଡାଘରୁ ଗିରଫ କରିଥିଲା। ଏହି ମାମଲାରେ ତାଙ୍କୁ ସହଯୋଗ କରୁଥିବା ଢେଙ୍କାନାଳ କାଠଗଡା ଅଞ୍ଚଳରେ ରହୁଥିବା ଅନ୍ୟଜଣେ ଖବରଦାତା ଅମର ରଞ୍ଜନ ଦାସଙ୍କୁ ପୋଲିସ ଗତ ୨୫ ତାରିଖରେ ଗିରଫ କରିଥିଲା।

## ମହିଳାଙ୍କଠାରୁ ଝାମ୍ପିନେଲେ ୧ଲକ୍ଷ ୫ ହଜାର

ଜଳେଶ୍ୱର, ୧୯।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ବଡ଼ବଜାର–ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ପାଖରୁ ୨ଜଣ ଯୁବକ କଳା ପଲସରରେ ଆସି ଜଣେ ମହିଳାଙ୍କ ପାଖରୁ ୧ଲକ୍ଷ ୫ହଜାର ଟଙ୍କା ଝାମ୍ପି ନେଇଛନ୍ତି। ଦୁର୍ବୃତ୍ତମାନେ ଜଳେଶ୍ୱର ସହର ଅଭିମୁଖେ ଯାଇ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ପ୍ରହରାଜପୁର ଗ୍ରାମର ଅଶୋକ ପାଲଙ୍କ ସ୍ତ୍ରୀ ମଞ୍ଜୁଲତା ତାଙ୍କ ପଡୋଶୀ ବିଜୟ ମହାନ୍ତିଙ୍କ ସହିତ ସାଇକେଲ ଜଳେଶ୍ୱର ଷ୍ଟେଟବ୍ୟାଙ୍କରୁ ୧ଲକ୍ଷ ୫ହଜାର ଟଙ୍କା ଉଠାଇଥିଲେ। ପରେ ସାଇକେଲରେ ପ୍ରହରାଜପୁର ଗ୍ରାମକୁ ଯିବା ବେଳେ ଜଳେଶ୍ୱର ବଡ଼ବଜାର–ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ପାଖରେ ଲୁଟ୍‌ର ଶିକାର ହୋଇଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଆଖି ପିଛୁଳାକେ ଉଭାନ ହୋଇଯାଇଥିଲେ।

## ପ୍ରଫେସର ବିରଜା ତ୍ରିପାଠୀଙ୍କ ପରଲୋକ

ଢେଙ୍କାନାଳ,୧୯।୩(ରତନ ନାୟାର)



ପ୍ରଫେସର ବିରଜା କୁମାର ତ୍ରିପାଠୀ।

ଢେଙ୍କାନାଳ ଅମଲାପଡା–ବସଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଦର୍ଶନ ବିଭାଗ ପ୍ରଫେସର ବିରଜା କୁମାର ତ୍ରିପାଠୀଙ୍କ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରାତି ୮ଟା ସୁଦ୍ଧା ତାଙ୍କ ମରଶରୀର ଭୁବନେଶ୍ୱରରୁ ଢେଙ୍କାନାଳ ଅମଲାପଡା ବସଷ୍ଟାଣ୍ଡ ଅଞ୍ଚଳରେ ଥିବା ବାସଭବନକୁ ଅଣାଯାଇଥିଲା। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷାବିତ୍, ବୁଦ୍ଧିଜୀବୀ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ଜଣେ ଛାତ୍ର ବତ୍ସଳ ପ୍ରାଧ୍ୟାପକ ଥିଲେ। ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ୧୯୬୩ରେ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ସାରିବା ପରେ ୧୯୬୪ରେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗରେ ଯୋଗଦାନ କରି ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ସେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବାରଙ୍ଗ କଲେଜରେ ପ୍ରିନ୍ସିପାଲ ରହିଥିଲେ। ଓଡ଼ିଶା ଷ୍ଟେଟ୍ ସିଲେକ୍ସନ ବୋର୍ଡର ସଭ୍ୟ ପଦରେ ଥାଇ ୧୯୯୮ ମସିହାରେ ସେ ଅବସରଗ୍ରହଣ କରିଥିଲେ। ୨୦୦୨ ମସିହାରୁ ଦୁଃସ୍ଥ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା କରିଆସୁଥିବା ଦାତବ୍ୟ ଚିକିତ୍ସାକେନ୍ଦ୍ର ଶୁଶ୍ରୁଷାର ଜଣେ ପ୍ରତିଷ୍ଠାତା ଓ ସକ୍ରିୟ ସଭ୍ୟ ଥିଲେ। ତାଙ୍କ ଦ୍ୱାରା ରଚିତ ଲାଙ୍ଗୁଏଜ୍ ଅଫ୍ ରିଲିଜିଅନ୍, ଅମୃତ ସନ୍ଧାନୀ ଓ ଦ ଲର୍ଡ ସ୍ପିକ୍ସ ଆଦି ପ୍ରକାଶିତ ପୁସ୍ତକ ପାଠକଙ୍କ ଦ୍ୱାରା ବହୁ ଆଦୃତ ଲାଭ କରିଛି। ତାଙ୍କର ପରଲୋକରେ ଢେଙ୍କାନାଳରେ ଶୋକର ଛାୟା ଖେଳିଯାଇଛି।

## ଶିମିଳିଆରେ ରାଧାକୃଷ୍ଣ ମନ୍ଦିର ରତ୍ନମୁଦ ଉତ୍ସବ



ଶିମିଳିଆରେ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ଅବସରରେ ପୂଜକଙ୍କ ସହ ଅନ୍ୟମାନେ।

ଢେଙ୍କାନାଳ,୧୯।୩(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ଶିମିଳିଆ ଗ୍ରାମରେ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ସୂଚାରୁ ରୂପେ ପାଳନ ହୋଇଯାଇଛି। ସକାଳ ୭ ଘଟିକା ସମୟରେ କଳସଯାତ୍ରା ଆରମ୍ଭ କରାଯାଇ ପରେ ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା ଓ ହୋମକାର୍ଯ୍ୟ ଯଥା ସମୟରେ କରାଯାଇଥିଲା। ପୂଜକ ରୁଦ୍ରନାରାୟଣ କବିଶତପଥୀ ପୌରହିତ୍ୟ କାର୍ଯ୍ୟ କରିଥିଲେ। ଗ୍ରାମର ରମଣି ରଞ୍ଜନ ଦାସ, ବଳଭଦ୍ର ବେହେରା, ବଲ୍ଲବ ବେହେରା, ନଗେନ ବେହେରା, ରାଧୁଆ ବେହେରା, ମୂରଲୀଧର ଷେଣ୍ଠେ, ବିନୋଦ ବେହେରାଙ୍କ ସହିତ ଶିମିଳିଆ ଗୋପାଳ ସମାଜର ସମସ୍ତ ସଦସ୍ୟବୃନ୍ଦ ସହଯୋଗ କରିଥିଲେ। ମଧ୍ୟାହ୍ନରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ଭକ୍ତମାନେ ପ୍ରସାଦସେବନ କରିଥିଲେ।

## ବାଙ୍ଗରାରେ ପାସେଞ୍ଜର ହଲ୍ଟ ନିର୍ମାଣ ନେଇ ସର୍ଭେ ଆରମ୍ଭ

ବାଲେଶ୍ୱର, ୧୯।୩(ମାନସ ବିଶ୍ୱାଳ)

ବାଲେଶ୍ୱର ନିକଟସ୍ଥ କୁରୁଡ଼ାର ବାଙ୍ଗରା ଲେଭଲକ୍ରସିଂଠାରୁ ୩ ଶହ ମିଟର ଦୂରରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମଙ୍ଗଳବାର ମଧ୍ୟାହ୍ନରେ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍‌ଙ୍କ ନିର୍ଦ୍ଦେଶରେ ବିଭାଗୀୟ କର୍ମଚାରୀମାନେ ଗ୍ରାଉଣ୍ଡ ଜିରୋରୁ ସର୍ଭେ ଆରମ୍ଭ କରିଛନ୍ତି। ଉକ୍ତ ସ୍ଥାନରେ ପାସେଞ୍ଜର ହଲ୍ଟ ନିର୍ମାଣ ଏବଂ ବାଙ୍ଗରା ଲେଭଲ କ୍ରସିଂରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରାଯାଇ ବିଭିନ୍ନ ସମୟରେ ଆନ୍ଦୋଳନ, ସତ୍ୟାଗ୍ରହ କରାଯାଇଥିଲା। ତେବେ ମାର୍ଚ୍ଚ ୧୪ତାରିଖରେ ‘ବାଙ୍ଗରା ରେଳଷ୍ଟେଶନ କ୍ରିୟାନୁଷ୍ଠାନ କମିଟି’ ପକ୍ଷରୁ ରେଳରୋକୋ କରିବାକୁ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ଗତ ୧୩ତାରିଖରେ କମିଟିର ସଦସ୍ୟମାନେ ଡିଆରଏମ୍‌ଙ୍କ ସହ ଖଡ଼ଗପୁରରେ ଆଲୋଚନା କରି ରେଳଷ୍ଟେଶନ ନିର୍ମାଣ ଲାଗି ଲିଖିତ ପ୍ରତିଶ୍ରୁତି ପାଇଥିଲେ।

ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ରେଳବାଇର ରେଳବାଇ ୱାର୍କସର ବରିଷ୍ଠ ସେକ୍ସନ ଇଞ୍ଜିନିୟର ରାଜେନ୍ଦ୍ର କୁମାର ପଣ୍ଡିଆରା, ଡିଆଇ ଏସ୍. କେ. ମହାକୁଡ଼, କମର୍ସିଆଲ ଇନ୍ସପେକ୍ଟର ଏସ୍. ସାହା, ସିନିୟର ସେକ୍ସନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଅର୍ଜୁନ ମିଞ୍ଜ ପ୍ରମୁଖ ପାସେଞ୍ଜର ହଲ୍ଟ କେଉଁ ସ୍ଥାନରେ ନିର୍ମାଣ କରାଗଲେ ଯାତ୍ରୀ ଓ ରେଳବାଇକୁ ସୁବିଧା ହେବ ସେ ନେଇ ମାପଚୁପ କରିଥିଲେ। ଏଥିପାଇଁ ଲୁପଲାଇନର ଆବଶ୍ୟକତା ଅଛି ବୋଲି ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ୪ଶହ ମିଟର ଦୈର୍ଘ୍ୟର ରେଳଷ୍ଟେଶନ /ପ୍ଲାଟଫର୍ମ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ବାଙ୍ଗରାରେ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମାପଚୁପ ପରେ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯିବ। ବାଙ୍ଗରା, କୁରୁଡ଼ା ହରିଡ଼ା, ସାଉଁ, ଗେଙ୍ଗୁଟି ଆଦି ୪୦ରୁ ଅଧିକ ଗ୍ରାମବାସୀ, ପାଖରେ ଥିବା ଶିଳ୍ପାଞ୍ଚଳର ଶ୍ରମିକ, କର୍ମଚାରୀ ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ ବୋଲି ସାମାଜିକ ନ୍ୟାୟ ଅଧିକାର ମଞ୍ଚ ସଭାପତି ବିଧାନ ଚନ୍ଦ୍ର ଜେନା କହିଛନ୍ତି। ସର୍ଭେ ସମୟରେ କମିଟିର ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଅଞ୍ଜନ କୁମାର ନାୟକ, ନିରଞ୍ଜନ ଦାସ, କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ପାସେଞ୍ଜର ହଲ୍ଟ ନିର୍ମାଣ ନେଇ ସର୍ଭେ କରୁଛନ୍ତି ରେଳ ବିଭାଗ କର୍ମଚାରୀ ଓ ଅଧିକାରୀ।

## ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର




ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିରରେ ଅଧିକାରୀମାନେ।

ଢେଙ୍କାନାଳ,୧୯।୩(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ପୂର୍ବାହ୍ନରେ ନିର୍ବାଚନ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୁଖ୍ୟତଃ ଜିଲାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଯୋଗ ଦେଇଥିଲେ। ନିର୍ବାଚନ ସମୟରେ ଅର୍ଥ କାରବାର ଦ୍ୱାରା ଯେହେତୁ ଜନମତକୁ ପ୍ରଭାବିତ କରାଯାଏ, ତେଣୁ ଏହି କାରବାରର ମୂଳଉତ୍ସ ବ୍ୟାଙ୍କ ହୋଇଥିବାରୁ ଅଧିକ ମାତ୍ରାର ଅର୍ଥ କାରବାର ଉପରେ ବ୍ୟାଙ୍କ ଅଧିକାରୀମାନେ ନଜର ରଖିବାକୁ ଜିଲାପାଳ କହିଥିଲେ। ଏହି ଶିବିରରେ ଏସ୍‌ପି ମଡକର ସନ୍ଦୀପ ସମ୍ପତ୍, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଦୋଷୀଙ୍କୁ ଫାଶୀ ଦଣ୍ଡ ଦାବି କଲେ ଗ୍ରାମବାସୀ

ଢେଙ୍କାନାଳ,୧୯।୩(ରତନ ନାୟାର)

### କଲେଜ ଛାତ୍ରୀ ଜସ୍ମିନ୍ ହତ୍ୟା ମାମଲା



କଲେଜ ଛାତ୍ରୀ ଜସ୍ମିନ୍ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେବାକୁ ଗ୍ରାମବାସୀଙ୍କ ଦାବି।

ଢେଙ୍କାନାଳ ଜିଲା ସଦର ଥାନା ମଙ୍ଗଳପୁର ପଞ୍ଚାୟତ ମଞ୍ଜୁରି ଗ୍ରାମର କଲେଜ ଛାତ୍ରୀ ଜସ୍ମିନ ସାହୁ ହତ୍ୟା ମାମଲାକୁ ନେଇ ଗତ ୧୭ ତାରିଖ ରାତି ୮ଟାରେ ଗ୍ରାମର ମା’ ମଙ୍ଗଳା ମଣ୍ଡପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଘଟଣାରେ ଗିରଫ ହୋଇଥିବା ଦୋଷୀମାନଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରିବା ପାଇଁ ଲିଖିତ ଦାବି କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ମଞ୍ଜୁରି ଗ୍ରାମର ଜଳନ୍ଧର ସାହୁଙ୍କ ଏକମାତ୍ର କନ୍ୟା ଜସ୍ମିନ ସାହୁଙ୍କୁ ଗତ ୨୯ ଫେବୃଆରୀରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ତଥା ଗିରଫ ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ପାଇଁ ଗ୍ରାମବାସୀ ଅଦାଲତଙ୍କୁ ଜଣାଇବା ପାଇଁ ଇଚ୍ଛା ପ୍ରକାଶ କରିଥିବା ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରକୃତ ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ପାଇଁ ଗ୍ରାମବାସୀ ଦୃଢ଼ ସଂକଳ୍ପବଦ୍ଧ ହୋଇଥିଲେ। ସେହିପରି ଯେଉଁ ଅଭିଯୁକ୍ତମାନେ ଏଭଳି ନିର୍ମମ କାଣ୍ଡ ଘଟାଇଛନ୍ତି ସେମାନଙ୍କ ପରିବାର ସହିତ ଗ୍ରାମବାସୀ କୌଣସି ପ୍ରକାର ସମ୍ପର୍କ ନ ରଖିବା ପାଇଁ ମନସ୍ଥ କରିଛନ୍ତି। ଏଥିସହ ଗିରଫ ଅଭିଯୁକ୍ତମାନଙ୍କ ପରିବାର ସଦସ୍ୟମାନେ ଗ୍ରାମରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରଣାସ୍ତ୍ର ଧରି ବୁଲୁଥିବାରୁ ଗ୍ରାମବାସୀ ସୁରକ୍ଷା ଦାବି କରିଛନ୍ତି। ତେଣୁ ଗ୍ରାମରେ ପୋଲିସ ପଟ୍ରୋଲିଂ କରିବା ପାଇଁ ଗ୍ରାମବାସୀ ଦାବି କରିଥିବା ମଞ୍ଜୁରୀ ଗ୍ରାମର ମା ମଙ୍ଗଳା ଗ୍ରାମ୍ୟ କମିଟି ସଭାପତି କୀର୍ତ୍ତିଚନ୍ଦ୍ର ଦାସ, ସମ୍ପାଦକ ଗୟାଧର ବେହେରାଙ୍କ ସମେତ ଜଳନ୍ଧର ସାହୁ, ବୈଜୟନ୍ତୀ ଦାସ, ଭାରତୀ ଦାସ, ସବିତା ସାହୁ, ପ୍ରଶାନ୍ତ ପରିଡା, ପ୍ରମୋଦ ଦାସ, ନିମାଇଁ ନାୟକ ପ୍ରମୁଖ ଲିଖିତ ଭାବରେ ଜଣାଇଛନ୍ତି।

# ଖଡ଼ଗପ୍ରସାଦରେ ଝାଡ଼ାବାନ୍ତି, ଶତାଧିକ ଆକ୍ରାନ୍ତ

### ଗାଁରେ ଡାକ୍ତରୀ ଟିମ୍, ଖୋଲାଗଲା ନଳକୂଅ

ଓଡ଼ାପଡ଼ା,୧୯।୩ (ରଞ୍ଜିତ ନାୟକ)/
ଢେଙ୍କାନାଳ, (ରତନ ନାୟାର)



ଆକ୍ରାନ୍ତ ରୋଗୀଙ୍କ ପାଇଁ ଔଷଧ ଲେଖୁଛନ୍ତି ଡାକ୍ତର।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଗ୍ରାମରେ ଝାଡ଼ାବାନ୍ତି ଯୋଗୁ ୧୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ସୁସ୍ଥ ହୋଇ ଡାକ୍ତରଖାନାରୁ ଫେରିଥିବା ବେଳେ ଅନ୍ୟମାନେ ଏବେ ବି ମେରାମଣ୍ଡଳୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ମଙ୍ଗଳବାର ୨୫ରୁ ଅଧିକ ରୋଗୀ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ଏକ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ସ୍ଥିତି ପରଖିଛି। ଏପରି କି ବିଶୁଦ୍ଧ ପାନୀୟ ଜଳ କିପରି ଲୋକେ ପାଇପାରିବେ ସେଥିପାଇଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଏକ ନୂଆ ନଳକୂଅ ଖୋଲାଯାଇଛି। ବ୍ରାହ୍ମଣୀ ନଦୀ ପାଣିକୁ ଠିକ୍ ଭାବେ ବିଶୋଧନ ନ କରି ତାହାକୁ ପିଇବା ଦ୍ୱାରା ଏହି ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହୋଇଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୧୬ ତାରିଖରୁ ଖଡ଼ଗପ୍ରସାଦ ଗ୍ରାମରେ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ବହୁ କଳକାରଖାନା ଗଢ଼ି ଉଠିଥିବା ବେଳେ ନଦୀ ପାଣି ମଧ୍ୟ ଦୂଷିତ ହେବାରେ ଲାଗିଛି। ଏଥିସହ ଖଡ଼ଗପ୍ରସାଦ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳର ସେପରି ସୁବିଧା ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଗ୍ରାମର ୧୦୦ରୁ ଅଧିକ ଲୋକ ଏଥିରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣ ମେରାମଣ୍ଡଳୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଉ କେତେଜଣ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଆଉ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ସେହିପରି ଗାଁରେ ମଧ୍ୟ କେତେଜଣ ଚିକିତ୍ସାଧୀନ ରହିଛନ୍ତି। ଝାଡ଼ାବାନ୍ତି ବ୍ୟାପିବା ଖବରପାଇ ଓଡ଼ାପଡ଼ା ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଗ୍ରାମକୁ ଯାଇ ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ପିଇବା ପାଇ ସଚେତନ କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଗ୍ରାମରେ ରହି ପୀଡ଼ିତଙ୍କ ଚିକିତ୍ସା କରୁଛନ୍ତି। ନଦୀ ପାଣି ପରୀକ୍ଷା ପାଇଁ ନିଆଯାଇଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ ସାହୁ ଓ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି।








ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ପରେ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼, ଗ୍ରାମରେ ଡାକ୍ତର ପହଞ୍ଚି ଆଲୋଚନା କରୁଛନ୍ତି। ପିଇବା ପାଣିର ସ୍ଥିତି ପରଖୁଛନ୍ତି।

